3rd Sem

Total Pages—5

III-UG-C1-Maj—
ODIA-VII

2025

ODIA

Full Marks : 100

Time : 3 hours

Answer **all** questions

The figures in the right-hand margin indicate marks

PART—I

୧। ନିମ୍ନୋକ୍ତଗୁଡ଼ିକର ଉତ୍ତର ପ୍ରତ୍ୟେକକୁ *ଗୋଟିଏ* ଶବ୍ଦ/ବାକ୍ୟରେ ପ୍ରଦାନ କର : ୧ × ୧୦

(କ) ଧମଣ ଚମଣର ଅର୍ଥ କ'ଣ ?

(ଖ) 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ପ୍ରଥମ ଛାନ୍ଦରେ କାହାକୁ କବି ସ୍ତୁତି କରିଛନ୍ତି ?

(ଗ) ''ଘସ୍ରନାଥ''ର ଅର୍ଥ ଲେଖ ।

(ଘ) 'କେଶବ କୋଇଲି'ରେ କେଉଁ କେଉଁ ରସର ପ୍ରୟୋଗ ହୋଇଛି ?

(ଡ) ''କଦମ୍ବ ତରୁ ତଳ ତ୍ରିଭଙ୍ଗୀୟା'' ଏହି ପାଦରେ କେଉଁ କେଉଁ ଅଳଂକାର ରହିଛି ?

(ଚ) ''ରସ କଲ୍ଲୋଳ''ର ୩୪ ଛାନ୍ଦରେ କେଉଁ ଛନ୍ଦର ପ୍ରୟୋଗ ହୋଇଛି ?

(ଛ) ଦୁର୍ଯ୍ୟୋଧନଙ୍କ ପୁତ୍ରଙ୍କ ନାମ ଲେଖ ।

(ଜ) ଆଳିଏଁ କାଳିଏଁ ର ଅର୍ଥ କ'ଣ ?

(ଝ) କୋଇଲି କେଉଁ କାବ୍ୟ ପରଂପରାରୁ ଆନୀତ ?

(ଞ) ଅଗ୍ନିଠାରୁ କି ଶିକ୍ଷା ଲାଭ କରିଥାଉଁ ?

PART–II

୨। ନିମ୍ନୋକ୍ତ ଗୁଡ଼ିକର ପ୍ରତ୍ୟେକକୁ ୫୦ଟି ଶବ୍ଦରେ ଉତ୍ତର ଦିଅ: ୨×୮

(କ) ଅଜଗରଠାରୁ କି ଶିକ୍ଷା ଲାଭ କରାଯାଇଛି ?

(ଖ) ହରିଣଠାରୁ କି ଶିକ୍ଷା ମିଳେ ?

(ଗ) ପବନ ବା ବାୟୁଠାରୁ ଅବଧୂତ କି ଶିକ୍ଷା ଲାଭ କରିଛନ୍ତି ?

(ଘ) ରକ୍ତନଦୀ ସନ୍ତରଣରେ କର୍ଣ୍ଣଙ୍କୁ କିପରି ବର୍ଣ୍ଣନା କରାଯାଇଛି ?

(ଙ) ''ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ'' କବିତାରେ ମୁଖ୍ୟତଃ କେଉଁ ରସ ରହିଛି ?

(ଚ) ଚଉତିଶା କାହାକୁ କହନ୍ତି ? କଳାକଳେବର ଚଉତିଶା କି ପ୍ରକାରର ଚଉତିଶା ?

(ଛ) ଚମ୍ପୂ କାହାକୁ କହନ୍ତି ?

(ଜ) ପଞ୍ଚସ୍କନ୍ଧ କହିଲେ କ'ଣ ବୁଝ ?

(ଝ) ମାନବ ଶରୀରେ କେତୋଟି ପ୍ରମୁଖ ନାଡ଼ି କଥା କୁହାଯାଇଛି ?

PART–III

୩। ନିମ୍ନୋକ୍ତ ଗୁଡ଼ିକର ଯେ କୌଣସି ୮ଟିର ସଂକ୍ଷୀପ୍ତ ଟିପ୍ପଣୀ ପ୍ରତ୍ୟେକକୁ ୨୫୦ ଶବ୍ଦରେ ଲେଖ : ୫×୮

(କ) କାୟାତରୁ ଚର୍ଯ୍ୟାରେ ''ପାଞ୍ଚ''ର ଗୁରୁତ୍ୱ

(ଙ) ''କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ''ର 'ଘ' ଗୀତରୁ ଲଳିତାର ବିଶେଷତ୍ୱ

(ଗ) 'ଘ'-ଗୀତରେ ନାଟକୀୟତା ଓ ସାଂଗୀତିକତା

(ଘ) 'କେଶବ କୋଇଲି'ରେ ବର୍ଣ୍ଣନା ପାଟବ

(ଙ) ରସ କଲ୍ଲୋଳରେ ଖଳନନ୍ଦା-ସାଧୁସ୍ତୁତି

(ଚ) କପୋତପକ୍ଷୀର ଶିକ୍ଷା

(ଛ) ଲକ୍ଷ୍ମଣ କୁମାରଙ୍କ କର୍ତ୍ତବ୍ୟ

(ଜ) କଳାକଳେବର ଚଉତିଶାର ବର୍ଣ୍ଣନା ବିଳାସ (ବୈଚିତ୍ର୍ୟ)

(ଝ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ ମଂଗଳାଚରଣ ।

(ଞ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ ଅଳଂକାର ପ୍ରୟୋଗ ।

PART–IV

୪। ଯେ କୌଣସି ୪ଟିର ଦୀର୍ଘ ଉତ୍ତର ପ୍ରତ୍ୟେକକୁ ୮୦୦ ଶବ୍ଦରେ ପ୍ରଦାନ କର : ୮×୪

(କ) କାହ୍ନୁପାଦଙ୍କ ବାଟ ଓ ଗାଳ ଚର୍ଯ୍ୟାର ଆବେଦନ ଓ ସହଜତତ୍ତ୍ୱ ସଂପର୍କରେ ଆଲୋଚନା କର ।

(ଖ) ଦତ୍ତାତ୍ରେୟ କି କି ଶିକ୍ଷା କାହାଠାରୁ ପାଇଛନ୍ତି ? ଆଲୋଚନା କର ।

(ଗ) ''କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ''ର 'ଘ' ଗୀତ ଅବଲମ୍ବନରେ ଲଳିତାଙ୍କ ଚରିତ୍ରର ଗୁରୁତ୍ୱ ନିରୂପଣ କର ।

(ଘ) ରସକଲ୍ଲୋଳର ୩୪ ଛାନ୍ଦର ବିଶେଷତ୍ୱ ଆଲୋଚନା କର ।

(ଙ) 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ୧ମ ଛାନ୍ଦ ଅବଲମ୍ବନରେ ଭଂଙ୍ଗୀଙ୍କ ବର୍ଣ୍ଣନା ବିଳାସର ପରିଚୟ ଦିଅ ।

———